# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**2 July - 2024**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ଶାନ୍ତି ଶୃଙ୍ଖଳାର ସହିତ ରଥଯାତ୍ରା ସମାପନ ପାଇଁ ସମସ୍ତଙ୍କ ସହଯୋଗ କାମନା କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ
- ରାଜ୍ୟରେ ସ୍କୁଲ ବନ୍ଦ ନିଷ୍ପତ୍ତିର ପୁନଃ ସମୀକ୍ଷା କରାଯିବ ବୋଲି କହିଲେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ
- ଦନ୍ତା ହାତୀଙ୍କ ମାନସିକ ସ୍ଥିତିରେ ସୁଧାର ଆଣିବା ପାଇଁ ଯୋଜନା ପ୍ରସ୍ତୁତ କରିଛି ବନବିଭାଗ

ଏବଂ

- ରାଜ୍ୟରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡଘଡ଼ି ସହ ବର୍ଷା ନେଇ ୬ଟି ଜିଲ୍ଲାକୁ ସତର୍କ ସୂଚନା ଜାରି

# ରଥଯାତ୍ରା ଛୁଟି-ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ପୁରୀ ଟାଉନ୍‌ହଲ୍‌ଠାରେ ରଥଯାତ୍ରା ପ୍ରସ୍ତୁତି ନେଇ ଏକ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଘୋଷଯାତ୍ରା ପୂର୍ବରୁ ରାସ୍ତାଘାଟ ମରାମତି ସହିତ ପାନୀୟ ଜଳ, ପରିମଳ, ଗମନାଗମନ, ଭିଡ ନିୟନ୍ତ୍ରଣ, ଆଇନ୍‌ଶୃଙ୍ଖଳା ଏବଂ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ନେଇ ସମୀକ୍ଷା ହୋଇଛି। ଶାନ୍ତିଶୃଙ୍ଖଳାର ସହ ରଥଯାତ୍ରା ସମାପନ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ବିଭାଗୀୟ ଅଧିକାରୀମାନେ ସେମାନଙ୍କ ବିଭାଗ ପକ୍ଷରୁ ନିଆଯାଇଥିବା ପ୍ରସ୍ତୁତି ଉପରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ।  ଚଳିତବର୍ଷ ୨ ଦିନ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଥିବାରୁ ଆସନ୍ତା ୮ ତାରିଖକୁ ଛୁଟି ଘୋଷଣା କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି,

## - V/O - (CM)

ଏବର୍ଷର ବିରଳ ରଥଯାତ୍ରା ରାଜ୍ୟ ସରକାରଙ୍କ ପାଇଁ ଆଶୀର୍ବାଦ ବୋଲି କହିବା ସହିତ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କର ସହଯୋଗ କାମନା କରିଥିଲେ।

ସୁରକ୍ଷା ପାଇଁ ୧୮୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ୍ ମୁତୟନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିଭଳି ରଥଯାତ୍ରା ସମୟରେ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିବା ଜଣାପଡିଛି। ବୈଠକରେ ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଆଇନ୍ ଓ ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସ୍ଥାନୀୟ ବିଧାୟକ, ସେବାୟତ ପ୍ରତିନିଧି ଏବଂ ଅନ୍ୟାନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଅପରାଧିକ ଆଇନ୍

ସମଗ୍ର ଦେଶରେ ଗତକାଲିଠାରୁ ଲାଗୁ ହୋଇଥିବା ୩ଟି ନୂଆ ଅପରାଧିକ ଆଇନ୍ ଆଧାରରେ ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, କମିଶନରେଟ୍ ପୁଲିସ୍ ଅଧିନସ୍ଥ ଭୁବନେଶ୍ୱର ସହରାଞ୍ଚଳ ପୁଲିସ୍ ଜିଲ୍ଲାରେ ୮ଟି ମାମଲା ରୁଜୁ ହୋଇଛି। ପ୍ରଥମ ମାମଲାଟି ଲକ୍ଷ୍ମୀସାଗର ଥାନାରେ ରୁଜୁ ହୋଇଥିବାବେଳେ ତମାଣ୍ଡୋ ଏବଂ ମଞ୍ଚେଶ୍ୱର ଥାନାରେ ୨ଟି ଲେଖାଏଁ ଏବଂ ଖାରବେଳ ନଗର ଏବଂ ନୟାପଲ୍ଲୀ ଥାନାରେ ଗୋଟିଏ ଲେଖାଏଁ ମାମଲା ରୁଜୁ ହୋଇଥିବା ଜଣାପଡିଛି।

## ଭତ୍ତା ବୃଦ୍ଧି-ସମୀକ୍ଷା

ରାଜ୍ୟରେ ବୟସ୍କ, ବିଧବା ଏବଂ ଦିବ୍ୟାଙ୍ଗ ଭତ୍ତା ବୃଦ୍ଧି କରିବା ନେଇ ବିଚାର ବିମର୍ଶ ଚାଲିଛି ବୋଲି ସାମାଜିକ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

କହିଛନ୍ତି। ସେ କହିଛନ୍ତି, ଅର୍ଥ ବିଭାଗ ସହ ବିସ୍ତୃତ ଆଲୋଚନା ପରେ ଏ ନେଇ ନିଷ୍ପତ୍ତି ନିଆଯିବ।  ଭତ୍ତା ପରିମାଣକୁ ୩ ହଜାର ଟଙ୍କାକୁ ବୃଦ୍ଧି କରିବା ଲାଗି ବିଚାର କରାଯାଉଥିବା ନେଇ ସେ ସୂଚନା ଦେଇଛନ୍ତି।

## ୨ ହଜାର ଟଙ୍କିଆ ନୋଟ୍

ଭାରତୀୟ ରିଜର୍ଭ ବ୍ୟାଙ୍କ-ଆର.ବି.ଆଇ କହିଛି ଏପର୍ଯ୍ୟନ୍ତ ୨ ହଜାର ଟଙ୍କିଆ ନୋଟ୍‌ର ୯୭ ଦଶମିକ ୮/୭ ପ୍ରତିଶତ ବ୍ୟାଙ୍କିଂ ସିଷ୍ଟମ୍‌କୁ ଫେରିଛି। ସୂଚନାଯୋଗ୍ୟ, ଗତ ୨୦୨୩ ମସିହା ମଇ ମାସ ୧୯ ତାରିଖରେ ଆର.ବି.ଆଇ. ୨ ହଜାର ଟଙ୍କିଆ ନୋଟ୍ ପ୍ରତ୍ୟାହାର କରିବାକୁ ଘୋଷଣା କରିଥିଲା। ସେହି ସମୟରେ ବଜାରରେ ୩ ଲକ୍ଷ ୫୬ ହଜାର କୋଟି ଟଙ୍କାର ୨ ହଜାର ଟଙ୍କିଆ ନୋଟ୍ ରହିଥିଲା। ତେବେ ଗତ ମଇ ମାସ  ସୁଦ୍ଧା ଏହି ପରିମାଣ ୭ ହଜାର ୫୮୧ କୋଟିକୁ ହ୍ରାସ ପାଇଛି। ଆଇ.ବି.ଆଇ କହିଛି, କେବଳ ୨ ଦଶମିକ ୧/୩ ପ୍ରତିଶତ ୨ ହଜାର ଟଙ୍କିଆ ନୋଟ୍ ଏବେ ମଧ ବ୍ୟାଙ୍କିଂ ସିଷ୍ଟମ୍‌କୁ ଫେରସ୍ତ ଆସିନାହିଁ।

## ବନ୍ଦ ସ୍କୁଲ ଉପରେ ସମୀକ୍ଷା

ରାଜ୍ୟରେ ବିଭିନ୍ନ କାରଣରୁ କେତେକ ସ୍କୁଲକୁ ବନ୍ଦ କରାଯିବାକୁ ନିଆଯାଇଥିବା ନିଷ୍ପତ୍ତିର ପୁନଃ ସମୀକ୍ଷା କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।  ସେ କହିଛନ୍ତି, ପୂର୍ବ ସରକାର ଅମଳରେ ବିଭିନ୍ନ କାରଣ ଦର୍ଶାଯାଇ ଏହି ସ୍କୁଲଗୁଡ଼ିକୁ ବନ୍ଦ କରି ଦିଆଯାଇଛି।

ତେବେ ଏ ନେଇ ବିଭାଗୀୟ ସଚିବଙ୍କୁ କ୍ଷେତ୍ରସ୍ତରୀୟ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ସ୍କୁଲ ଖୋଲିବା ନେଇ ବିଭିନ୍ନ ବର୍ଗରୁ ଦାବି ଉପସ୍ଥାପନ ପରେ ଏହି ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି। ସେ କହିଛନ୍ତି....

**- V/O –**

## ହାତୀ ଆକ୍ରମଣ କ୍ଷୟକ୍ଷତି

ହାତୀ ଆକ୍ରମଣ ଯୋଗୁଁ ହେଉଥିବା ଧନ-ଜୀବନ ହାନୀକୁ ପ୍ରତିହତ କରିବା ଲକ୍ଷ୍ୟରେ ବନବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି। ଗୋଠଛଡା ହୋଇ ବୁଲୁଥିବା ଦନ୍ତା ହାତୀ ଏକେଲାପଣ ଯୋଗୁଁ ଜନବସତିମୁହାଁ ହୋଇ ସମସ୍ୟା ସୃଷ୍ଟି କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଦନ୍ତା ହାତୀକୁ ଚିହ୍ନଟ କରି ସେମାନଙ୍କ ମାନସିକ ସ୍ଥିତିରେ ସୁଧାର ଆଣିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ୩ ଶହରୁ ଅଧିକ ଦନ୍ତାହାତୀଙ୍କ ମଧ୍ୟରୁ ୧୨ଟିକୁ ଚିହ୍ନଟ କରାଯାଇଛି ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଉରକେଲା, ବାରିପଦା, ଭୁବନେଶ୍ୱର ଏବଂ ଅନୁଗୁଳ ଭଳି ୪ଟି ସର୍କଲରେ ଏହି ହାତୀଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କଠାରେ ରେଡିଓ କଲାର ଲଗାଇ ଅଭୟାରଣ୍ୟରେ ଛଡାଯିବାକୁ ନିଷ୍ପତ୍ତି ହୋଇଛି। ରେଡିଓ କଲାର ବ୍ୟବହାର ଦ୍ୱାରା ହାତୀଙ୍କର ଗତିବିଧି

ଉପରେ ନଜର ରଖାଯାଇପାରିବ। ଏହା ପରେ ମଧ୍ୟ ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ ନ ଆସିଲେ ହାତୀ ସୁଧାର କେନ୍ଦ୍ରରେ ରଖାଯିବା ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବନବିଭାଗ କହିଛି।

# ଜୟନ୍ତୀ-କାଳନ୍ଦୀ ଚରଣ ପାଣିଗ୍ରାହୀ

ବିଶିଷ୍ଟ ସାହିତ୍ୟିକ କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କୁ ୧୨୩ତମ ଜୟନ୍ତୀ ପାଳନ ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ସ୍ମୃତିପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।  ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମନ୍ତ୍ରୀ ଶ୍ରୀ ପ୍ରଧାନ ଓଡ଼ିଶାର ବିଶିଷ୍ଟ ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର ପଦ୍ମଭୂଷଣ ତଥା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଏହି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ଛତୁଖାଇ ଗୁରୁତର

**ନୂଆପଡ଼ା** ଜିଲ୍ଲା ଖଡିଆଳ ବ୍ଲକ୍ କିରିକିଟା ଗ୍ରାମରେ ବିଷାକ୍ତ ଛତୁ ଖାଇ ୧୦ ଜଣ ଗୁରୁତର ହୋଇଥିବା ଜଣାପଡିଛି। ବିଳମ୍ବିତ ରାତିରେ ସେମାନଙ୍କୁ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ୩ ଜଣଙ୍କୁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି।

# ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ

**ସୁବର୍ଣ୍ଣପୁର** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ-୨୦୨୪ ସୁବର୍ଣ୍ଣପୁରଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ମିଶନ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ମ୍ୟାଲେରିଆ, ଡେଙ୍ଗୁ, ଝାଡାବାନ୍ତି, ଯକ୍ଷ୍ମା ଏବଂ କୁଷ୍ଠ ରୋଗ ଉପରେ ସଚେତନତା ବୃଦ୍ଧି ସହିତ ଟିକାକରଣକୁ ତ୍ୱରାନ୍ୱିତ କରାଯିବା ନେଇ ଆଲୋଚନା ହୋଇଛି। ଏହି କର୍ମଶାଳାରେ ସ୍ୱାସ୍ଥ୍ୟ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ଗ୍ରାମୀଣ ସ୍ୱାସ୍ଥ୍ୟକର୍ମୀ ଏବଂ ଆଶା ଓ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ।

## ଜି.ଏସ୍.ଟି. ସଂଗ୍ରହ

ରାଜ୍ୟରେ ଦ୍ରବ୍ୟ ଓ ସେବା ଟିକସ ଜି.ଏସ୍.ଟି. ସଂଗ୍ରହ ଗତ ମାସରେ ହ୍ରାସ ପାଇଛି। ବାଣିଜ୍ୟ କର ଓ ଜି.ଏସ୍.ଟି. କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ମଇ ମାସ ତୁଳନାରେ ଜୁନ୍ ମାସରେ ୪୦ କୋଟି ଟଙ୍କା କମ୍ ଜି.ଏସ୍.ଟି. ଆଦାୟ ହୋଇଛି। ତେବେ ଅନ୍ୟପକ୍ଷରେ, ରାଜ୍ୟ ଜି.ଏସ୍.ଟି. ଏବଂ ସମନ୍ୱିତ ଜି.ଏସ୍.ଟି. ସଂଗ୍ରହରେ ୨୪ ପ୍ରତିଶତ ବୃଦ୍ଧି ଘଟିଥିବା ଜଣାପଡିଛି। ଏ ବାବଦରେ ରାଜ୍ୟକୁ ୨ ହଜାର ୩୯ ଦଶମିକ ୩/୧ କୋଟି ଟଙ୍କା ମିଳିଛି। ସେହିଭଳି ଗତମାସରେ ମୋଟ ଜି.ଏସ୍.ଟି. ସଂଗ୍ରହ ୭ ହଜାର ୯୮ କୋଟି ଟଙ୍କା ହୋଇଛି। ଯାହାକି ପୂର୍ବବର୍ଷ ସେହି ସମୟ ତୁଳନାରେ ୨୯ ପ୍ରତିଶତ ଅଧିକ ହୋଇଥିବା ଜଣାପଡିଛି।

ଅନ୍ୟପକ୍ଷରେ, ଗତ ମାସରେ ଦେଶର ଜି.ଏସ୍.ଟି. ସଂଗ୍ରହ ୧ ଲକ୍ଷ ୬୧ ହଜାର ୪୯୭ କୋଟି ଟଙ୍କା ହୋଇଛି। ଏହା ଗତ ଆର୍ଥିକବର୍ଷ ତୁଳନାରେ ୧୨ ପ୍ରତିଶତ ଅଧିକ ବୋଲି ଅର୍ଥ ମନ୍ତ୍ରଣାଳୟ କହିଛି।

## ଅଣସର-ମୋଦକ ଲାଗି

ପୁରୀ ଶ୍ରୀକ୍ଷେତ୍ର ଅଣସର ଘରେ ଶ୍ରୀଜୀଉଙ୍କଠାରେ ଆଜି ଦଶମୂଳ ମୋଦକ ଲାଗି ହେବ। ଜ୍ୱରରେ ପୀଡିତ ଦାରୁ ବିଗ୍ରହଙ୍କୁ ଏହି ମୋଦକ ଲାଗିବା ପରେ ସେ ସୁସ୍ଥ ହୋଇଥାନ୍ତି। ଶ୍ରୀମନ୍ଦିରର ବୈଦ୍ୟ ସେବକ ମହାପ୍ରଭୁଙ୍କ ପାଇଁ ଏହି ମୋଦକ ପ୍ରସ୍ତୁତ କରିଥାନ୍ତି।

# ପାଣିପାଗ

ରାଜ୍ୟରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଭିନ୍ନ ଅଞ୍ଚଳରେ ବର୍ଷାର ସମ୍ଭାବନା ରହିଥିବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଏଥିପାଇଁ ଜଗତ୍‌ସିଂହପୁର, କେନ୍ଦ୍ରାପଡା, କଟକ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଂଚଳରେ ଘଡଘଡ଼ି ସହ ବର୍ଷାର ସମ୍ଭାବନା ଅଛି ବୋଲି ପାଣିପାଗ କେନ୍ଦ୍ର କହିଛି।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ଅଂଚଳରେ ବର୍ଷା ହୋଇଛି। ଦାରିଙ୍ଗୱାଡିରେ ସର୍ବାଧିକ ୬୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।